## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ରାଇରଙ୍ଗପୁର,(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ନାଉଯୋଡ଼ା ପୋଲ ନିକଟବର୍ତ୍ତୀ ୨୨୦ନଂ. ଜାତୀୟ ରାଜପଥରେ ଗୁରୁବାର ରାତିରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସମ୍ପର୍କୀୟ ଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ସାଗେନ ସୋରେନ। ତାଙ୍କ ଘର ବିଶୋଇ ଥାନା ଅଧୀନ କେଶରଗାଡ଼ିଆ ଗ୍ରାମରେ। ଗୁରୁତର ରଘୁବୀର ମୁର୍ମୁଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

### ସଂକ୍ଷେପରେ

## କେନାଲରେ ବୁଡ଼ି ଯୁବକ ମୃତ

ହାଟଡ଼ିହୀ,୭।୭(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଶଡ଼ା କେନାଲରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଶଡ଼ା ଗ୍ରାମର ହାଡ଼ିବନ୍ଧୁ ଦାସଙ୍କ ପୁଅ ସୌମ୍ୟରଞ୍ଜନ ଦାସ (୨୬)। ସେ ଗୁରୁବାର ସନ୍ଧ୍ୟା ସମୟରେ କେନାଲକୁ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର କେନାଲରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ଏନେଇ ଥାନାରେ ମାମଲା( ନଂ. ୧୯/୨୩)ରେ ରୁଜୁ ହୋଇଛି। କ୍ଷତିପୂରଣ ସହ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପୂର୍ବତନ ସରପଞ୍ଚ ଜୟନ୍ତୀ ସାମଲ, ତ୍ରୈଲୋଚନ ନାୟକ, ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ସାମାଜିକକର୍ମୀ କାମପାଳ ନାୟକଙ୍କ ସମେତ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି

ଭଦ୍ରକ,୭।୭(ସନାତନ ରାଉତ)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଚରଦିଆ ଅଞ୍ଚଳରୁ ଚାଷଜମି କିସମରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମାଫିଆମାନେ ବେଆଇନ ଚିଙ୍ଗୁଡ଼ି ଚାଷ କରିବା ଦ୍ୱାରା ବାହାରୁଥିବା ବର୍ଜ୍ୟବସ୍ତୁ ସହ ଲୁଣାପାଣି ଚାଷଜମିରେ ପ୍ରବେଶ କରି ଏହାକୁ ନଷ୍ଟ କରୁଛି। ଏହା ପ୍ରଭାବରେ ଜମିର ଉର୍ବରତା କମିବା ସହ ଚାଷ କ୍ଷତି ହେଉଛି। ଏନେଇ ଚାଷୀ ପ୍ରଦୀପ ମହାଲିକ ଓ ଗଦାଧର ପଣ୍ଡା ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ନ ମିଳିବାରୁ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ସେମାନେ ତହସିଲଦାର ସୁଶାନ୍ତ ସୂତାରଙ୍କୁ ଭେଟି ଉଚ୍ଛେଦ ପାଇଁ ଦାବି କରିଛନ୍ତି।

## ଅସୁରକ୍ଷିତ ବନ୍ଧରେ ବୁଡ଼ି ଜଣେ ମୃତ

କେନ୍ଦୁଝର,୭।୭ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବୋଦାପଲସା ପଞ୍ଚାୟତ ସଦରପଡ଼ା ଗ୍ରାମରେ ଅସୁରକ୍ଷିତ ବନ୍ଧ(ପୋଖରୀ)ରେ ବୁଡ଼ି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ହରେକୃଷ୍ଣ ମହାନ୍ତ (୪୫)। ସେ ଗୁରୁବାର ସନ୍ଧ୍ୟାରେ କାମ ସାରି ପୋଖରୀକୁ ଧୁଆଧୋଇ ହେବାକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ସେଠାରେ ମାଛ ମାରୁଥିବା କେତେକ ଲୋକ ଦେଖି ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ। ପୋଖରୀରେ ୨୫ ଫୁଟ୍ ଉପରେ ପାଣି ଥିବାରୁ ଉଦ୍ଧାର କରାଯାଇ ପାରି ନ ଥିଲା। ଶୁକ୍ରବାର ସକାଳେ ପାଟଣା ଅଗ୍ନିଶମ ବିଭାଗ ସହାୟତାରେ ଦୀର୍ଘ ୭ ଘଣ୍ଟା ସମୟ ଖୋଜାଖୋଜି ପରେ ମୃତଦେହ ଜବତ ହୋଇଥିବା କେନ୍ଦୁଝର ଷ୍ଟେସନ ମ୍ୟାନେଜର ମନୋଜ କୁମାର ମହାନ୍ତ କହିଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ଅନିୟମିତତା

ବାରିପଦା,୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ମାନ ଯାଞ୍ଚ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଲେ ଜିଲାପାଳ


ଜିଲାପାଳଙ୍କଠାରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଚାଣ୍ଡିପଦା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ନାଏବ ସରପଞ୍ଚ ଜନନୀ ମଣି ମହାନ୍ତଙ୍କ ନେତୃତ୍ୱରେ ଶ୍ରମିକମାନେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାର ନକଲ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଓ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଜିଲାପାଳ ବିନୀତ ଭରଦ୍ୱାଜ କାର୍ଯ୍ୟର ତରାରଖ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତର ମୁଗୁସୁରିଆ ଓ ଚାଣ୍ଡିପଦା ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟସ୍ଥଳୀକୁ କୌଣସି ଅଧିକାରୀ ଆସୁ ନ ଥିବା ବେଳେ ଶ୍ରମିକମାନଙ୍କ ଜବକାର୍ଡ ଜରିଆରେ ଉଦ୍ଦିଷ୍ଟ ଟଙ୍କା ଆତ୍ମସାତ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଫଳରେ ଏହି ଯୋଜନାର ସୁଫଳ ମିଳୁପାରୁନାହିଁ ବୋଲି ଶ୍ରମିକ ମାନି ମାରାଣ୍ଡି ଓ ତପନ ମହାନ୍ତ ପ୍ରକାଶ କରିଛନ୍ତି। ଶ୍ରମିକମାନଙ୍କ ପ୍ରାପ୍ୟକୁ ଆତ୍ମସାତ କରାଯାଉଥିବା ବେଳେ କାର୍ଯ୍ୟ ଶେଷ ନ କରି ସମ୍ପୂର୍ଣ୍ଣ ବିଲ ଉଠାଯାଇଛି। ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳୀକୁ ଆସୁ ନ ଥିବାରୁ ମନମୁଖି କାର୍ଯ୍ୟ କରି ସରକାରୀ ଅର୍ଥ ହରିଲୁଟ କରାଯାଉଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟର ମାନ ଯାଞ୍ଚ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପାର୍କ, ମନ୍ଦିରର ଉନ୍ନତୀକରଣ ଲାଗି ଭୂମିପୂଜା


ଭୂମି ପୂଜନ ସମୟରେ ଉପସ୍ଥିତ ଅତିଥିମାନେ।

ଯୋଡ଼ା,୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦେଓଝର ପଞ୍ଚାୟତରେ ଅବସ୍ଥିତ ମୂର୍ଗା ମହାଦେବ ମନ୍ଦିରର ଉନ୍ନତୀକରଣ ଓ ନିକଟରେ ଏକ ପାର୍କ ନିର୍ମାଣ ପାଇଁ ଶୁକ୍ରବାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟିର ଉପସଭାପତି ବୀର ନାଏକ, ଦେଓଝର ସମିତି ସଭ୍ୟ ଲକ୍ଷ୍ମୀ ମୁଣ୍ଡା ଉପସ୍ଥିତ ଥିଲେ। ୫-ଟି ସଚିବଙ୍କ କେନ୍ଦୁଝର ଜିଲା ଗସ୍ତ ସମୟରେ ମୂର୍ଗା ମହାଦେବ ମନ୍ଦିର ଉନ୍ନତୀକରଣ ଓ ପାର୍କ ପାଇଁ ଯୋଡ଼ା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଏ ନେଇ ୧୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଶୁକ୍ରବାରଠାରୁ ଭୂମି ପୂଜନ ପରେ କାର୍ଯ୍ୟ ଆରମ୍ଭ ହୋଇଥିବା ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର ଓ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି।

### +୨ ବିଜ୍ଞାନ କଟ ଅଫ ମାର୍କ ତାଲିକା

## ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ରାଜ୍ୟରେ ଦ୍ୱିତୀୟ

ବାଲେଶ୍ୱର, ୭।୭ (ମାନସ ବିଶ୍ୱାଳ)

ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ +୨ ପ୍ରଥମ ବର୍ଷ ବିଜ୍ଞାନ, କଳା ଓ ବାଣିଜ୍ୟ ପାଇଁ କଟ୍ ଅଫ ମାର୍କ ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ହୋଇଛି। ବିଜ୍ଞାନରେ ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ୯୦% କଟ ଅଫ ଥିବାରୁ ଓଡ଼ିଶାରେ ୨ୟ ଶ୍ରେଷ୍ଠ କନିଷ୍ଠ ମହାବିଦ୍ୟାଳୟ ଭାବେ ସ୍ଥାନ ଅଳଙ୍କୃତ କରିଛି। ସେହିପରି କଳାରେ ରାଜ୍ୟରେ ଚତୁର୍ଥ ଶ୍ରେଷ୍ଠ କନିଷ୍ଠ ମହାବିଦ୍ୟାଳୟ ଭାବେ ୭୮% କଟ ଅଫ୍ ମାର୍କ ଥିବାରୁ ବିବେଚିତ ହୋଇଛି। ବାଣିଜ୍ୟରେ ୪୫% ମାର୍କ କଟ ଅଫ ଯାଇଛି। ସେଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ଷ୍ଟାଫ କାଉନସିଲ ଚେୟାରମ୍ୟାନ ଡ. ମୀନତି ମହାନ୍ତି, ନୋଡ଼ାଲ ନାମଲେଖା ଅଧିକାରୀ ଡ. ଭାଗବତ ଭୂୟାଁଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିବା ସହିତ ଏହା ଛାତ୍ରୀଛାତ୍ରଙ୍କ ପ୍ରତି ଅଧ୍ୟାପିକା ଓ ଅଧ୍ୟାପକମାନଙ୍କର ନିରନ୍ତର ପ୍ରଚେଷ୍ଟାର ଫଳ ବୋଲି ବ୍ୟାଖ୍ୟା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ସ୍ୱାଗତିକା


@ମଧୁସୂଦନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## ପ୍ରକାଶ ପାଇଲା ଇଣ୍ଟିଗ୍ରେଟେଡ ବି.ଏଡ୍, ଏମ୍.ଏଡ୍ ପରୀକ୍ଷାଫଳ

ବାରିପଦା,୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଇଣ୍ଟିଗ୍ରେଟେଡ ବି.ଏଡ୍, ଏମ୍.ଏଡ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ୨୦୨୦ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଚଳିତ ବର୍ଷ ଏହି ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୫୦ ଜଣ ଛାତ୍ରୀଛାତ୍ର ଚଳିତ ଥର ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ସମସ୍ତେ ପ୍ରଥମ ଶ୍ରେଣୀରେ ପାସ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଅନ୍ୟ ସମସ୍ତେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ତେବେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ସ୍ମୃତି ସରିତା ୩୬୦୦ ରୁ ୨୯୨୫ ନମ୍ବର୍ ରଖିଥିବା ବେଳେ ଛାତ୍ର ଅଭିଷେକ ପଣ୍ଡା ୨୯୨୩ ନମ୍ବର ରଖି ୨ୟ ଓ କେ.ଶେଫାଳି ପ୍ରିୟଦର୍ଶିନୀ ନାୟକ ୨୯୦୫ ନମ୍ବର ରଖି ୩ୟ ସ୍ଥାନରେ ରହିଛନ୍ତି। ତେବେ ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ସଫଳତାର ଶ୍ରେୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସମୀର କୁମାର ଲେଙ୍କା, ବରିଷ୍ଠ ସହଯୋଗୀ ପ୍ରଫେସର ଡ.ରମେଶ କୁମାର ପରୁଆ, ଶୁଭଦର୍ଶିନୀ ବେହେରା, ପୂଜା ବାରିକ, ରଶ୍ମିତା ଗିରି, ସାଗର କୁମାର ଦଳନାୟକ, ଅଂଶୁମାନ ମଣ୍ଡଳ ଓ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କୁ ଦେଇଛନ୍ତି। ବିଭାଗର ସମସ୍ତ ପ୍ରଫେସରମାନଙ୍କ ଉଚ୍ଚକୋଟୀର ଶିକ୍ଷା ପ୍ରଦାନ ସହ ସବୁ ସମୟରେ ସମସ୍ତ କ୍ଷେତ୍ରରେ ସହଯୋଗ ପାଇଁ ଏହି ସଫଳତା ସେମାନଙ୍କୁ ମିଳି ପାରିଛି ବୋଲି କହିଛନ୍ତି। ଛାତ୍ର ଅଭିଷେକଙ୍କର ଏହି ସଫଳତାକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଉତ୍ସର୍ଗୀକୃତ କରିବା ସହ ତାଙ୍କ ମାତାପିତା, ଶିକ୍ଷାଦାନ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ ଗୁରୁଜନ ମାନଙ୍କ ଆଶୀର୍ବାଦ ଓ ସମସ୍ତ ଶୁଭେଚ୍ଛୁଙ୍କ ଶୁଭକାମନା ବଳରେ ଏହା ସମ୍ଭବ ହୋଇ ପାରିଛି ବୋଲି କହିଛନ୍ତି ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ, ୨ ଗିରଫ

କେନ୍ଦୁଝର,୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଜଣେ ୧୭ ବର୍ଷ ବୟସ୍କ ନାବାଳିକାଙ୍କୁ ଅପହରଣ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ମାମଲା(ନଂ.୨୫୫/୨୩)ରୁଜୁ ହୋଇଛି। ଅପହରଣରେ ସହାୟତା କରିଥିବା ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଅଜୁବା ଓ ରାଜା। ଦୁଇ ଜଣ ଗାଡ଼ି ଠିକ୍ କରିବା ସହ ମୋବାଇଲ ସିମ୍‌କାର୍ଡ ଯୋଗାଇଥିବା ଟାଉନ ଥାନା ଅଧିକାରୀ ସୁନୀଲ କର ସୂଚନା ଦେଇଛନ୍ତି। ନାବାଳିକାଙ୍କୁ ଖୋଜିବାକୁ ଏକ ପୋଲିସ ଟିମ ବାଙ୍ଗାଲୁରୁ ଯାଇଥିବା କହିଛନ୍ତି।

## ତିହିଡ଼ି ବଜାରରେ କୋଟ୍‌ପା ଚଢ଼ାଉ

ଭଦ୍ରକ,୭।୭ (ସନାତନ ରାଉତ)

ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ ଅବମାନନା ନେଇ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ତିହିଡ଼ି ବଜାରରେ ଚଢ଼ାଉ କରାଯାଇଛି। ୧୪ ଦୋକାନୀଙ୍କଠାରୁ ୨୬୦୦ଟଙ୍କା ଜରିମାନା ଆଦାୟ ହୋଇଛି। ଜବତ କରାଯାଇଥିବା ବିକ୍ରି ନିଷେଧ ତମାଖୁ ଜାତୀୟ ଦ୍ରବ୍ୟ ସବୁ ନଷ୍ଟ କରିଦିଆଯାଇଥିଲା। ତିହିଡ଼ି ଥାନା ଏଏସ୍‌ଆଇ ଶ୍ରୀକାନ୍ତ ନାୟକ ଓ କର୍ମଚାରୀ, ଅବକାରୀ ବିଭାଗର ସଞ୍ଜୟ ପାତ୍ର, ରାମଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଡାକ୍ତରଖାନାର ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଦୀପକ ରାଉତ ପ୍ରମୁଖ ସ୍କ୍ୱାଡ୍‌ରେ ସାମିଲ ଥିଲେ।

## ଗଛଟିଏ ଲଗାଇ ଯତ୍ନ ନେବାକୁ ଆହ୍ୱାନ



ବନମହୋତ୍ସବ ଅବସରରେ ଉପସ୍ଥିତ ଦୁଇ ମାଜିଷ୍ଟ୍ରେଟଙ୍କ ସହ ଅନ୍ୟମାନେ।

ବଡ଼ବିଲ,୭।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ବନ ମହୋତ୍ସବ-୨୦୨୩ ଅବସରରେ ବଲାଣି ଥାନା ଅନ୍ତର୍ଗତ ବାଲାଗୋଡ଼ା ହାଇସ୍କୁଲ ପରିସରରେ ଶୁକ୍ରବାର ଚାରା ରୋପଣ କରାଯାଇଛି। ସମିତିର ଅଧ୍ୟକ୍ଷ ତଥା ଜେଏମଏଫସି(ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ)-୧, ମଲ୍ଲିକା ଗୋଏଙ୍କା ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇ ବଡ଼ ହେବାଯାଏଁ ଯତ୍ନ ନେବାପାଇଁ ଶପଥ ନେବା ବୋଲି କହିଥିଲେ। ଜେଏମଏଫସି-୨ ଶ୍ରେୟା ଶତପଥି ଙ୍କ ସହ ପ୍ରଥମେ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିବା ବେଳେ ବଡ଼ବିଲ ବାର ଆସୋସିଏସନର ଆଇନଜୀବୀ ସଦସ୍ୟ, କୋର୍ଟ କର୍ମଚାରୀ, ସ୍କୁଲର ଛାତ୍ରୀଛାତ୍ର ଏବଂ ବଲାଣି ମୋଟର ଚାଳକ ସଂଘର ସଦସ୍ୟମାନେ ଆମ୍ବ, ଅଁଳା, କଦମ୍ବ, ନିମ୍ବ, ଶିଶୁ, ବଉଳ, ପଣସ ଆଦି ଚାରା ରୋପଣ କରିଥିଲେ। ବଡ଼ବିଲ ବନ ବିଭାଗ ଚାରା ଗୁଡ଼ିକ ଯୋଗାଇଦେବା ସହ ଚାରା ରୋପଣ ନିମନ୍ତେ ସମସ୍ତ ସହାୟତା କରିଥିଲା।

## ଏସ୍‌ଇବିସି ସର୍ଭେ କାର୍ଯ୍ୟ ପର୍ଯ୍ୟବେକ୍ଷଣ କଲେ ଜିଲା ପର୍ଯ୍ୟବେକ୍ଷକ

ଭଦ୍ରକ, ୭।୭(ସନାତନ ରାଉତ)

ଭଦ୍ରକ ଜିଲାରେ ଚାଲିଥିବା ଏସ୍‌ଇବିସି ତଥା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ କାର୍ଯ୍ୟର ପର୍ଯ୍ୟବେକ୍ଷଣ କରିଛନ୍ତି ଜିଲା ପର୍ଯ୍ୟବେକ୍ଷକ ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ। ଶୁକ୍ରବାର ସେ ଭଦ୍ରକ ଗସ୍ତରେ ଆସି ଭଣ୍ଡାରିପୋଖରୀ, ଭଦ୍ରକ ବ୍ଲକ ଓ ପୌରପାଳିକା, ବନ୍ତ ବ୍ଲକ ପରିଦର୍ଶନ କରି ଆଇସିଆର୍ ଫର୍ମର ବୈଧତା ପର୍ଯ୍ୟବେକ୍ଷଣ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପର୍ଯ୍ୟବେକ୍ଷକଙ୍କ ସହ ଗସ୍ତରେ ସାମିଲ ଥିଲେ। ଭଣ୍ଡାରିପୋଖରୀ ବିଡିଓ ଦେବଦତ୍ତ ଦାସ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ, ଭଦ୍ରକ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ, ବନ୍ତ ବିଡିଓ ପ୍ରଦୀପ୍ତ କୁମାର ସେଠୀ ପ୍ରମୁଖ ନିଜ ନିଜ ବ୍ଲକର ପରିଦର୍ଶନ ବେଳେ ପର୍ଯ୍ୟବେକ୍ଷକଙ୍କୁ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ଗତ ମେ ୧ରୁ ଆରମ୍ଭ କରାଯାଇଥିବା ଏହି ସର୍ଭେର ପଞ୍ଜୀକରଣ କାର୍ଯ୍ୟ ଜୁନ୍ ୬ ପର୍ଯ୍ୟନ୍ତ ଚାଲୁ ରହିଥିଲା। ପରେ ସମସ୍ତ ଆଇସିଆର୍ ଫର୍ମକୁ ସ୍କାନ କରାଯାଇ ଡିଜିଟାଇଜେଶନ ପରେ ଚୂଡ଼ାନ୍ତ ତାଲିକା ପ୍ରକାଶନ ପୂର୍ବରୁ ବୈଧତାକୁ ତନଖି କରାଯାଉଛି। ସମ୍ପୃକ୍ତ ବ୍ଲକ ଓ ପୌର ପ୍ରଶାସନ ଅଧୀନରେ ଏହି କାର୍ଯ୍ୟ ସମ୍ପାଦନ କରାଯାଉଛି।


ଜିଲା ପର୍ଯ୍ୟବେକ୍ଷକ ଦେବବ୍ରତ ମଲ୍ଲିକ ଭଣ୍ଡାରିପୋଖରୀ ବ୍ଲକରେ ପର୍ଯ୍ୟବେକ୍ଷଣ କରୁଛନ୍ତି।

# ନ୍ୟାୟ ପାଇଁ ଆଦିବାସୀ ପରିବାରଙ୍କ ରାସ୍ତାରୋକୋ

### ସରକାରୀ ଜମିର ମାଲିକାନାକୁ ନେଇ ରଣକ୍ଷେତ୍ର

ନୀଳଗିରି, ୭।୭(ପ୍ରଶାନ୍ତ ବିଶ୍ୱାଳ)



ଆଦିବାସୀ ପରିବାର ରାସ୍ତାରୋକୋ କରିଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପଞ୍ଚାୟତରେ ସରକାରୀ ଜମିର ମାଲିକାନାକୁ ନେଇ କିଛି ଦିନ ପୂର୍ବରୁ ପ୍ରୟାସ ସଙ୍ଗଠନର କିଛି ସଦସ୍ୟାଙ୍କ ମାଡ଼ରେ ଆଦିବାସୀ ପରିବାର ଲହୁଲୁହାଣ ହୋଇଥିଲେ। ନ୍ୟାୟ ପାଇଁ ଦୁଇ ପକ୍ଷ ଥାନାରେ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଆପୋଷ ଆଲୋଚନା କରି ସମାଧାନ କରାଯିବା ଲାଗି ସ୍ଥିର ହୋଇଥିଲା। ମାତ୍ର ସଙ୍ଗଠନର ସଦସ୍ୟାମାନେ ସହଯୋଗ ନ କରିବାରୁ ଆଦିବାସୀ ପରିବାର ରାସ୍ତାରୋକୋ କରିଥିଲେ। ଖବରପାଇ ନୀଳଗିରି ତହସିଲଦାର ରଞ୍ଜନ ବେହେରା ଓ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ସଦଳବଳେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ତରଫରୁ ପୂର୍ବରୁ ଉକ୍ତସ୍ଥାନରେ ରହିଥିବା ମହିଳାଙ୍କ ପରିବାର ରହିବା ପାଇଁ କୁହାଯାଇଥିବା ବେଳେ 'ପ୍ରୟାସ' ସଙ୍ଗଠନକୁ ଅନ୍ୟ ଏକ ସ୍ଥାନ ଚିହ୍ନଟ କରି ବ୍ୟବସ୍ଥିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଗତ ୪ ତାରିଖରେ ସଜନାଗଡ଼ ମେଡ଼ିକାଲ ପଛ ପାଖରେ ଥିବା ହସ୍ପିଟାଲ ନିକଟସ୍ଥ ସରକାରୀ ଜାଗାରେ ଦୀର୍ଘଦିନ ଧରି ଏକ ଆଦିବାସୀ ପରିବାର ବସବାସ କରି ଆସୁଥିଲେ। ଉକ୍ତ ସ୍ଥାନରେ କିଛି ମହିଳା 'ପ୍ରୟାସ' ସ୍ୱେଚ୍ଛାସେବୀ ନାମରେ ସଙ୍ଗଠନ କରି କିଛି ଦିନ ହେବ ବୃଦ୍ଧାଶ୍ରମ ସହିତ ଗୋଶାଳା ଖୋଲିବା ନେଇ ସଦସ୍ୟାମାନେ ତମ୍ବୁ ଟାଙ୍ଗି ବୈଠକ କରୁଥିଲେ। ସରକାରୀ ଜମିର ମାଲିକାନାକୁ ନେଇ ଦୁଇପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପକ୍ଷର ଏକାଧିକ ଆହତ ହେବା ସହ ଆଦିବାସୀ ପରିବାରର ଜଣେ ଗୁରୁତର ହୋଇଥିଲେ। ନ୍ୟାୟ ପାଇଁ ଦୁଇ ପକ୍ଷ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପରେ ସଜନାଗଡ଼ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଉଭୟ ପକ୍ଷଙ୍କୁ ଡକାଇ ସମାଧାନ କରିବାର ସ୍ଥିର ହୋଇଥିଲା। ପୂର୍ବାହ୍ନରେ ଭୂଧାରଚଣ୍ଡି ମନ୍ଦିର ସମ୍ମୁଖରେ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି, ସମ୍ପାଦିକା ଓ ସଦସ୍ୟାମାନେ ସହଯୋଗ କରି ନ ଥିଲେ। ନ୍ୟାୟ ପାଇଁ ବାଧ ହୋଇ ନୀଳଗିରି କପ୍ତିପଦା ୧୯ନଂ. ରାଜ୍ୟ ରାଜପଥରେ ସଜନାଗଡ଼ ବସ୍‌ଷ୍ଟାଣ୍ଡଠାରେ ୩ଟି ଗ୍ରାମର ଶହେରୁ ଅଧିକ ଜନସାଧାରଣ ରାସ୍ତାରୋକୋ କରିଥିଲେ।

## ୬ ମାସର ପୁଅକୁ ଛାଡ଼ି ପଳାଉଥିଲେ

### ଯାଯାବର ଦମ୍ପତିଙ୍କୁ ପୋଲିସ ଜିମା

ବାସୁଦେବପୁର, ୭।୭ (ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବେତଡ଼ାରେ ୬ ମାସର ଶିଶୁପୁତ୍ରକୁ ରାସ୍ତାରେ ଛାଡ଼ି ପଳାଉଥିବା ଏକ ଯାଯାବର ଦମ୍ପତିଙ୍କୁ ଅଞ୍ଚଳବାସୀ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଶୁକ୍ରବାର ନିଶାସକ୍ତ ଅବସ୍ଥାରେ ଥିବା ଉକ୍ତ ଦମ୍ପତି କୌଣସି କଥାକୁ ନେଇ କଥା କଟାକଟି ହୋଇ ଯୁକ୍ତିତର୍କ ଲାଗିଥିଲେ। ଝଗଡ଼ା ଲାଗିବା ପରେ ନିଜର ୬ମାସର ପୁଅକୁ ଛାଡ଼ି ପଳାଉଥିଲେ। ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଉକ୍ତ ଦମ୍ପତି ଯାଯାବର ଶ୍ରେଣୀର ହୋଇଥିବା ବେଳେ ଅସ୍ଥାୟୀ ଭାବେ ବେତଡ଼ା, ବାସୁଦେବପୁରର ବାଲିନଗର ଅଞ୍ଚଳରେ ରହିଆନ୍ତି। ଆପୋଷ ବୁଝାମଣା ପରେ ଶିଶୁପୁତ୍ରକୁ ନେଇ ଦମ୍ପତି ଥାନାରୁ ଯାଇଥିବା ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି।

